**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 02-01-2024**

**ଗଜପତି(ଓଡିଶା) - :2024-01-02 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2024-01-03 | 2024-01-04 | 2024-01-05 | 2024-01-06 | 2024-01-07 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 30.0 | 30.0 | 29.0 | 29.0 | 29.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 16.0 | 17.0 | 17.0 | 18.0 | 18.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 83 | 67 | 76 | 73 | 75 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 30 | 30 | 25 | 26 | 26 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 5 | 5 | 5 | 5 |
| ପବନର ଦିଗ (ଡିଗ୍ରୀ) | 112 | 118 | 162 | 153 | 122 |
| ମେଘାଚ୍ଛନ (ଅକ୍ଟା) | 3 | 0 | 4 | 4 | 3 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ସ୍ୱଚ୍ଛ ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୫.୦ କିଲୋମିଟର ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯.୦° ସେଲସିୟସ ରୁ ୩୦.୦° ସେଲସିୟସ ଏବଂ ୧୬.୦° ସେଲସିୟସ ରୁ ୧୮.୦° ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୬୭ ରୁ ୮୩ ଶତକଡା ଏବଂ ୨୫ ରୁ ୩୦ ଶତକଡା ମଧ୍ୟରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୦.୬° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୧୬.୪° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦.୦ ମିଲିମିଟର ବର୍ଷା ହୋଇଅଛି । ତଳିଘରା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଧାନ ବୁଣି ସାରିବା ପରେ ତଳଘରା ଉପରେ ଶୁଖିଲା ଗୋବର ଖତଗୁଣ୍ଡ ର ଏକ ପତଳା ଆସ୍ତରଣ ପକାନ୍ତୁ । ତଳିଘରାରେ ସନ୍ଧ୍ୟା ସମୟରେ ବୋରୱେଲ ପାଣି ଦ୍ୱାରା ଜଳସେଚନ କରନ୍ତୁ ଏବଂ ଠିଆ ପାଣି କାଟି ଦେଇ ମାଟି କୁ ଓଦା ରଖନ୍ତୁ । ଅତ୍ୟଧିକ ଶୀତ ହେଉଥିବା ଅଞ୍ଚଳରେ ତଳିଘରା କୁ ରାତ୍ରି ସମୟରେ ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

କୁହୁଡି ଓ କମ୍ ତାପମାତ୍ରା ରୁ ପନିପରିବା କୁ ରକ୍ଷା କରିବା ନିମନ୍ତେ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବା ରେ ହାଲୁକା ଜଳ ସେଚନ କରନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଡାଲୁଅ ଧାନ ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ସତ୍ୟଭାମା, ସହଭାଗୀ ଧାନ, ମନ୍ଦାକିନୀ, ମାନସ୍ୱିନୀ, ଡିଆରଆର-୪୨, ଡିଆରଆର-୪୩, ଡିଆରଆର-୪୪, ବୀଣା-୧୧, ଜିବି-୧, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ଏମଟିୟୁ-୧୦୦୧, ନବୀନ, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି ଧାନ କିସମ ବ୍ୟବହାର କରନ୍ତୁ । ଏକ ଏକର ଧାନ ଚାଷ ପାଇଁ ୨୦ କିଲୋଗ୍ରାମ ଧାନ ବିହନ ତଳି ପକେଇବା ପାଇଁ ଆବଶ୍ୟକ ହୋଇଥାଏ । ବିହନ ବିଶୋଧନ କରିବା ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ କାର୍ବୋକ୍ସିନ ଏବଂ ଥିରାମ ର ମିଳିତ ଫିମ୍ପିନାଶକ କୁ ମିଶାଇ ବିହନ ବିଶୋଧନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫୁଲକୋବି | କୋବି ଫସଲରେ ବୋରନ ଅଣୁସାର ଜନିତ ଗଠନଗତ ସମସ୍ୟା ର ପରିଚାଳନା ପାଇଁ ପ୍ରତି ୪ କିଲୋଗ୍ରାମ ବୋରାକ୍ସ କୁ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଶେଷ ଓଡ ଚାଷ ସମୟରେ ଜମିରେ ପ୍ରୟୋଗ କରି ନ ଥିଲେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ବୋରାକ୍ସ କିମ୍ବା ୧-୧.୫ ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ର ରେ ସିଂଚନ କରନ୍ତୁ । |
| ବନ୍ଧାକୋବି | ଆଗୁଆ ଲଗା ଯାଇଥିବା କୋବି ଫସଲରେ ବର୍ତ୍ତମାନ ସମୟରେ ଠିକିରି ପିଠିଆ ପୋକ ଲାଗିବାର ସମ୍ଭାବନା ରହିଛି । ଠିକିରି ପିଠିଆ ପୋକ ର ଶୁକ ଗୁଡକି ପତ୍ର ତଳପଟେ ପତ୍ର ଭିତର କୁ ପଶି ସବୁଜ ଅଂଶ କୋରି ଖାଆନ୍ତି । ଏମାନଙ୍କ ଦ୍ୱାରା ଆକ୍ରାନ୍ତ ପତ୍ର ଗୁଡିକ ଧଳା ଦିଶେ । ପରବର୍ତ୍ତୀ ଅବସ୍ଥାରେ ଏମାନେ ବନ୍ଧାକୋବି ଭିତରକୁ ପ୍ରବେଶ କରି ଏହାର କଅଁଳିଆ ମଝିପତ୍ର କୁ ଖାଆନ୍ତି ଏବଂ ମଳତ୍ୟାଗ କରନ୍ତି । ଆକ୍ରାନ୍ତ କୋବି ଖାଇବା ଅନୁପଯୋଗୀ ହୋଇଥାଏ । କୋବି ଫସଲରେ ଠିକିରି ପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬-୮ ଟି ଆଲୋକ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦-ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୮୦-ଗ୍ରାମ Emamectin Benzoate 5 % SG କୁ, 200- ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଛେଳି | ଶୀତଦିନେ PPR ରୋଗ 'ଛେଳିମହାମାରୀ' ଭାବରେ ମଧ ଜଣାଶୁଣା । ଏହି ଭାଇରାଲ୍ ରୋଗ ଯାହା ଛେଳି ଏବଂ ମେଣ୍ଢା କୁ ପ୍ରଭାବିତ କରେ ଯାହା ହଠାତ୍, ନିମୋନିଆ ଏବଂ କାଶ ସୃଷ୍ଟି କରେ । ପ୍ରଭାବିତ ପଶୁ ମାନେ ଅସ୍ଥିର ଦେଖାଯାନ୍ତି, ଏକ ଦୁର୍ବଳ ଚର୍ମ, ଶୁଖିଲା ମୁହଁ ଏବଂ ଉଦାସୀନ ଭୋକ ଏହି ରୋଗ ର ଲକ୍ଷଣ । ଗର୍ଭବତୀ ପ୍ରାଣୀ ଗର୍ଭପାତ କରି ପାରନ୍ତି । ତେଣୁ ପଶୁମାନଙ୍କୁ ଉଚିତ୍ ଟୀକାକରଣ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଶୀତ ଋତୁରେ କୁକୁଡା ମାନଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହରେ ୨୦୦ ୱାଟ ର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଠିକ ସମୟରେ ଟୀକାକରଣ କରନ୍ତୁ । |